### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଚିକିତ୍ସା ବ୍ୟବସ୍ଥାର ବିକଳ ଚିତ୍ର

# ମେଡିକାଲ କଲେଜ ସତ୍ତ୍ୱେ କ୍ୱାକ୍ ଭରସା

ବଲାଙ୍ଗିର,୧୧।୬(ସମିସ)

ବଲାଙ୍ଗିର ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଜିଲ୍ଲାରେ ଚିତ୍ସା ବ୍ୟବସ୍ଥା କ୍ୱାକ୍‌ମାନଙ୍କ ଭରସାରେ ଚାଲିଛି। ଉପାନ୍ତ ଅଞ୍ଚଳରେ ରୋଗୀଙ୍କ ପାଖକୁ ସରକାରଙ୍କ ଉନ୍ନତ ଓ ସୁଦୃଢ ସ୍ୱାସ୍ଥ୍ୟସେବା ପହଞ୍ଚିପାରୁନି। ମୁରିବାହାଲ, ପାଟଣାଗଡ ଓ ବେଲପଡା ଅଞ୍ଚଳରେ ଗତ ୨ ମାସ ଭିତରେ ୪ ଜଣ ରୋଗୀଙ୍କ ଜୀବନ ଗଲାଣି। କ୍ୱାକ୍ ଚିକିତ୍ସା ଯୋଗୁଁ ଦୁଇଟି ଅମୂଲ୍ୟ ଜୀବନ ଯାଇଥିବା ଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଗୋଟିଏ ପଟେ ସରକାର ଉନ୍ନତ ଓ ସୁଦୃଢ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଚିତ୍ର ଦେଖାଉଛନ୍ତି। ଅନ୍ୟପଟେ ଜିଲ୍ଲାରେ ଚାଲିଥିବା କ୍ୱାକ୍ ଚିକିତ୍ସା ବ୍ୟବସ୍ଥା ଏହି ଉନ୍ନତ ଓ ସୁଦୃଢ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପରିହାସରେ ପରିଣତ କରିଛି। ପାଟଣାଗଡ ଅଞ୍ଚଳର ଈଶ୍ୱର ସାହାଣୀଙ୍କ ମୃତ୍ୟୁ ଘଟଣା ହେଉ କି ବେଲପଡ଼ା ଅଞ୍ଚଳର ନାବାଳକ ନିକାଶ ବନଛୋରଙ୍କ ମୃତ୍ୟୁ ଘଟଣା ହେଉ ସବୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଥିବା ହୁଗୁଳା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଅନେକ ରୋଗୀ କ୍ୱାକ୍ ପାଖରେ ଚିକିତ୍ସା ଯୋଗୁଁ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କିନ୍ତୁ ରୋଗୀ ନିଜ ଇଚ୍ଛାରେ କ୍ୱାକ୍ ପାଖକୁ ଯାଉଥିବା କହି କାମ ସାରି ଦେଉଛି।

ଗତ କିଛି ବର୍ଷ ଭିତରେ ବଲାଙ୍ଗିର ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର କାୟା ପରିବର୍ତ୍ତନ ହୋଇଥିଲା। ଭୀମଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ଆରମ୍ଭ ହେବା ପରେ ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଆହୁରି ସୁଦୃଢ ହେବ ବୋଲି ଅନୁମାନ କରାଯାଉଥିଲା; କିନ୍ତୁ ଗତ କିଛି ଦିନ ଭିତରେ ଜିଲ୍ଲାରେ ସାମ୍ନାକୁ ଆସିଥିବା କ୍ୱାକ୍ ଜନିତ ୪ ରୋଗୀଙ୍କ ମୃତ୍ୟୁ ଘଟଣା ଏହି ଅନୁମାନକୁ ଭୁଲ୍ ପ୍ରମାଣିତ କରିଛି। ମେ ୧୨ ତାରିଖରେ ମୁରିବାହାଲ ଥାନା କର୍ଲାପିଟା ଗାଁର ବୃଦ୍ଧା କୌଶଲ୍ୟା ପନିକାଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ମୃତ୍ୟୁ ଘଟିଥିବା ଜଣାପଡିଥିଲା। ୨ ଦିନ ପୂର୍ବରୁ ସେ ଅସୁସ୍ଥ ହେବାରୁ ହଳଦୀ ଗାଁର ଏକ ଔଷଧ ଦୋକାନକୁ ଯାଇଥିଲେ। ସେଠାରେ ଜଣେ କ୍ୱାକ୍ ତାଙ୍କୁ ଇଞ୍ଜେକ୍ସନ ଦେଇଥିଲେ; ଯେଉଁଥିରେ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ମେ ୨୮ ତାରିଖରେ ଲରମ୍ବା ଥାନା ରେଙ୍ଗାଲି ଗାଁର ବୃଦ୍ଧା ଈଶ୍ୱର ସାହାଣିଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ୨୭ ତାରିଖରେ ସେ ଅସୁସ୍ଥ ହେବାରୁ ପରିବାର ଲୋକେ ଘସିଏନର କ୍ୱାକ୍ କୁଞ୍ଜବନ ମେହେରଙ୍କ ପାଖକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଚିକିତ୍ସା କରିବା ପରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରିଥିବା ବେଳେ ସଂପୃକ୍ତ କ୍ୱାକ୍ ଜଣକ ଫେରାର ମାରିଥିଲେ। ସେହିପରି ଆଉ ଏକ ଘଟଣା ଜୁନ ୪ ତାରିଖରେ ସାମ୍ନାକୁ ଆସିଥିଲା। ମୁରିବାହାଲ ଥାନା ଅଏଁଲାଭଟା ଗାଁର ଦକ୍ଷଣ ମହାନନ୍ଦଙ୍କ ଏହିଭଳି କ୍ୱାକ୍ ଚିକିତ୍ସା ଯୋଗୁଁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଦକ୍ଷଣଙ୍କ ଦେହ ଖରାପ ଥିବାରୁ ଘର ଲୋକେ ଲିମପଡ଼ା ଗାଁର କ୍ୱାକ୍ ଶ୍ୟାମ ସାହୁଙ୍କୁ ଡାକି ଚିକିତ୍ସା କରାଇଥିଲେ। ଶ୍ୟାମ ପହଞ୍ଚି ୨ଟି ଇନଜେକ୍ସନ ଦେଇଥିଲେ। ଏହା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି ବେଲପଡା ଥାନା ମାଲପଡା ଗାଁର ବିକାଶ ବନଛୋରଙ୍କ ଦେହ ଖରାପ ହେବାରୁ ପରିବାର ଲୋକେ ଜଣେ ସ୍ଥାନୀୟ କ୍ୱାକ୍‌ଙ୍କ ପାଖରେ ଚିକିତ୍ସା କରାଇଥିଲେ। ସେ ଦେଇଥିବା ଇଞ୍ଜେକ୍ସନ ଯୋଗୁ କିଛି ସମୟ ଭିତରେ ହିଁ ନାବାଳକଙ୍କ ମୃତ୍ୟୁ ଗଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ୨ ମାସ ଭିତରେ ଏହି ୪ ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ଜିଲ୍ଲାରେ ଚାଲିଥିବା କ୍ୱାକ୍ ଚିକିତ୍ସାକୁ ସ୍ପଷ୍ଟ କରିଛି। ଜିଲ୍ଲାର ଗାଁ ଗାଁରେ ଔଷଧ ଦୋକାନ, ଘରେ ଡାକ୍ତରଖାନା ଖୋଲି କ୍ୱାକ୍‌ମାନେ ନିଜ କାରବାର ଚଳାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସବୁ ଜାଣି ମଧ୍ୟ ଚୁପ୍। ଅଭିଯୋଗ ଆସିଲେ କାଁ ଭାଁ କିଛି ସ୍ଥାନରେ ଚଢଉ କରୁଛି। ପରେ କ୍ଲିନ୍ ଚିଟ୍ ଦେଇ ଛାଡି ଦେଉଛି।

### ୨ ମାସରେ ୪ ରୋଗୀଙ୍କ ଜୀବନ ଗଲାଣି

### ଦୃଢ଼ କାର୍ଯ୍ୟାନୁଷ୍ଠାନର ଅଭାବ ସାହସ ବଢ଼ାଉଛି

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିଜ ଜିଲ୍ଲାରୁ ଏହା ସାମ୍ନାକୁ ଆସିଛି। ସରକାର ଉନ୍ନତ ଓ ସୁଦୃଢ ସ୍ୱାସ୍ଥ୍ୟ ବ୍ୟବସ୍ଥାର କଥା କହୁଥିବା ବେଳେ ରୋଗୀ ଡାକ୍ତରଖାନା ନ ଯାଇ କାହିଁକି କ୍ୱାକଙ୍କ ପାଖକୁ ଯାଉଛନ୍ତି ତାହା ଏବେ ସବୁଠାରୁ ବଡ ପ୍ରଶ୍ନ। ଯଦି ଗାଁ ଗାଁରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ପହଞ୍ଚିଛି ତେବେ ରୋଗୀ କାହିଁକି କ୍ୱାକ୍ ଭରସାରେ କାହିଁକି ରହିଛନ୍ତି ତାହା ପ୍ରଶ। ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ରଙ୍କ କହିବା ଅନୁସାରେ ଲୋକଙ୍କ ଦେହ ଖରାପ ହେଲେ ଡାକ୍ତର ପାଖକୁ ଯିବା କଥା କିମ୍ବା ୧୦୮ କୁ ଜଣାଇବା କଥା; କିନ୍ତୁ ପାଖରେ ଥିବା କ୍ୱାକ୍ ପାଖକୁ ଯାଉଛନ୍ତି; ଯାହା ବିପଦପୂର୍ଣ୍ଣ। ଏଥିରେ ସ୍ୱାସ୍ଥ୍ୟ ବିଭାଗ କଣ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁଠାରୁ ଏହିଭଳି ଅଭିଯୋଗ ଆସୁଛି ସେଠାରେ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

## ବଲାଙ୍ଗିର ଜିଲ୍ଲା ଡ୍ରାଇଭର ମହାସଂଘ ପ୍ରଶାସନର ଦ୍ୱାରସ୍ଥ



ବଲାଙ୍ଗିର,୧୧।୬(ସମିସ): ବଲାଙ୍ଗିର ଜିଲ୍ଲାରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସଂଘ ପକ୍ଷରୁ ଗୁରୁବାର ଶୋଭାଯାତ୍ରା କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ଡ୍ରାଇଭର କଲ୍ୟାଣ ବୋର୍ଡରେ ଡ୍ରାଇଭରମାନଙ୍କୁ ସାମିଲ କରିବା, ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଭଳି ବିଭିନ୍ନ ସମସ୍ୟାକୁ ନେଇ ସଂଘ ପକ୍ଷରୁ ଏହି ଆନ୍ଦୋଳନ କରାଯାଇଥିଲା। ଏନେଇ ସଂଘ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସରକାର ଶୁଣୁ ନ ଥିବାରୁ ଗୁରୁବାର ଏହାର ପ୍ରତିବାଦରେ ଓଡ଼ିଶା ଡ୍ରାଇଭର ମହାସଂଘ ବଲାଙ୍ଗିର ଜିଲ୍ଲା ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ହୋଇଥିଲା। ଡ୍ରାଇଭରମାନେ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଅଟୋ ଓ ଅନ୍ୟ ବୃତ୍ତିଗତ ଗାଡ଼ି ଡ୍ରାଇଭରମାନଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା ସହ ସମସ୍ତ ଡ୍ରାଇଭରଙ୍କ ସାମାଜିକ ସୁରକ୍ଷା ପ୍ରଦାନ ଓ ନିର୍ବାଚନରେ ଡ୍ରାଇଭରମାନେ ଭୋଟ ଦେବା ଭଳି ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ନ କରିବା, ଡ୍ରାଇଭରମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ୯୦ ଦିନ ମଧ୍ୟରେ ଡ୍ରାଇଭରମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଡ୍ରାଇଭର ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଜିଲ୍ଲାପାଳଙ୍କ ସମେତ ବଲାଙ୍ଗିର ଏସ୍‌ପି, ଓ ଆର୍‌ଟିଓଙ୍କୁ ମଧ୍ୟ ଡ୍ରାଇଭର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ଚାଳକ ସଂଘ ବଲାଙ୍ଗିର ସଭାପତି ଇସାକ ସାଗରଙ୍କ ସମେତ ଅର୍ଜୁନ ତାଣ୍ଡି, ସୁମନ୍ତ ପଟେଲ, ଅମୂଲ୍ୟ ସାହୁ, ଦିଲୀପ ନାଏକ, ଅମିତ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

## ନାରାୟଣ ବାରିକଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର



ଲୋଇସିଂହା,୧୧।୬(ସମିସ): ଲୋଇସିଂହା ବ୍ଲକ୍ ସରଗାଡ ଗ୍ରାମର ନାରାୟଣ ବାରିକଙ୍କୁ ପ୍ରକୃତି ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନୀତ କରାଯାଇଛି। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବଲାଙ୍ଗିରଠାରେ ଜିଲ୍ଲା ବନ ବିଭାଗ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ଶ୍ରୀ ବାରିକଙ୍କୁ ଉପଢୌକନ ଓ ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି।

## କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

### କ୍ଷତିପୂରଣ ଦାବିରେ ଥାନା ସମ୍ମୁଖରେ ଶବ ରଖି ରାସ୍ତା ଅବରୋଧ

କଣ୍ଟାବାଞ୍ଜି,୧୧।୬(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାସ୍ତା ମାଛ ବଜାର ନିକଟରେ ଗୁରୁବାର କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ବଡ଼ ମହେଶ୍ୱର ଗାଁର ନକୁଳ ବନଛୋର। ସେହିଭଳି ତାଙ୍କ ସହ ଥିବା ଚନଦୋପଲା ଗାଁର ନୂତନ ପହରିଆ ଗୁରୁତର ହୋଇ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସ୍ଥାନୀୟ ଲୋକେ ଖବର ଦେବା ପରେ କଣ୍ଟାବାଞ୍ଜି ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନେଇଥିଲା। ଏହି ଖବର ପାଇ ମୃତକଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ହୋହଲ୍ଲା କରିଥିଲେ।

ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ହେବା ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଘର ଲୋକେ ଶବ ନେଇ କଣ୍ଟାବାଞ୍ଜି ଥାନା ସମ୍ମୁଖରେ ରଖି କଣ୍ଟାବାଞ୍ଜି ସହର ମୁଖ୍ୟ ସଡ଼କ ଅବରୋଧ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ମୃତକଙ୍କ ବାପା ରବି ବନଛୋର କଣ୍ଟାବାଞ୍ଜି ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଉତ୍ତ୍ୟକ୍ତ ପରିବାର ଲୋକଙ୍କୁ ପୁଲିସ ବୁଝାଇବାକୁ ଯାଇ ନୟାନ୍ତ ହୋଇଥିଲା। ତେବେ



ଦୁର୍ଘଟଣା ପରେ ଗୁରୁତର ନୂତନଙ୍କୁ ଗୋଟିଏ କାର୍ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା।

### ଅନ୍ୟ ଜଣେ ଗୁରୁତର; ଉଭୟ ବେସରକାରୀ ସଂସ୍ଥା ମାଧ୍ୟମରେ ବିଦ୍ୟୁତ୍ ଗ୍ରିଡ୍‌ରେ କାମ କରନ୍ତି

ସେହି କାର୍ ହିଁ ଏମାନଙ୍କୁ ଧକ୍କା ଦେଇଥିବା ସ୍ପଷ୍ଟ ହୋଇଥିଲା। ଗାଡ଼ି ମାଲିକ ବ୍ୟବସାୟୀ ଦେବେନ୍ଦ୍ର ପାତ୍ରଙ୍କୁ ପୁଲିସ ଥାନାକୁ ଡାକି ବୁଝାମଣା କରାଇଥିଲା। ଗାଡ଼ି ମାଲିକ ୧ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ଦେବା ସହ ଗାଡ଼ି ବୀମା ସହାୟତା ରାଶି ପ୍ରଦାନ କରିବେ ବୋଲି କହିବା ପରେ ରାସ୍ତା ଅବରୋଧ ହଟିଥିଲା। ତେବେ ଦୁର୍ଘଟଣା ଶିକାର ଯୁବକ ଦ୍ୱୟ ଏକ ବେସରକାରୀ ସଂସ୍ଥା ମାଧ୍ୟମରେ ବିଦ୍ୟୁତ୍ ବିଭାଗ ଗ୍ରିଡ୍ କାମ କରନ୍ତି। ବାଇକ୍ ଯୋଗେ ସେମାନେ ଖଡ଼ିଆଳ ବିଦ୍ୟୁତ୍ ଗ୍ରିଡ୍‌ରୁ କଣ୍ଟାବାଞ୍ଜି ଚଟୁଆନକା ବିଦ୍ୟୁତ୍ ଗ୍ରିଡ୍‌କୁ ଆସୁଥିଲେ। ମୃତ ନକୂଳ ଘରର ଏକ ମାତ୍ର ରୋଜଗାରିଆ ଥିଲେ। ତାଙ୍କର ଦୁଇଟି ଛୋଟ ଛୁଆ ରହିଛନ୍ତି। ତାଙ୍କ ମୃତ୍ୟୁ ପରେ ଏବେ ସେମାନେ ବେସାହାରା ହୋଇପଡିଛନ୍ତି।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବଲାଙ୍ଗିର,୧୧।୬(ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ବର୍ତ୍ତମାନ ସାରା ରାଜ୍ୟରେ ଅନୁଦାନ ସମ୍ପର୍କରେ ଅଭିଯାନ ଆରମ୍ଭ କରିଛନ୍ତି। ଏହି କ୍ରମରେ ଆଜି ବଲାଙ୍ଗିର ଜିଲ୍ଲା ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ନୀତି ନିମିତ୍ତ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ ପାଇଁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ସଂଘର ଦାବି ଶୁଣିବା ସହ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବଲାଙ୍ଗିର ଜିଲ୍ଲାର ଜିଲ୍ଲା ସଂଯୋଜକ ସନ୍ତୋଷ ରାଉତ, ପାଟଣାଗଡ଼ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ, ନରେଶ ପଟେଲ, ଠାକୁର ପ୍ରସାଦ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବହିଷ୍କାର ଦାବି କଲା ଆପ୍



ବଲାଙ୍ଗିର,୧୧।୬(ସମିସ): ଚଳିତ ବର୍ଷ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ବଲାଙ୍ଗିର ଆମ୍ ଆଦମୀ ପାର୍ଟି କ୍ଷୋଭ ପ୍ରକାଶ କରିଛି। ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି। ଗୁରୁବାର ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆପ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ନିଟ୍ ପରୀକ୍ଷାରେ ଘଟିଥିବା ପେପର ଲିକ୍ ଓ ସରକାରଙ୍କ ଅପାରଗତା ବିରୋଧରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପଧାନଙ୍କ ଇସ୍ତଫା ଦାବି କରାଯାଇଛି।

## କରାଟେ ଅର୍ଗାନାଇଜେସନ ଓ ତାଏକ୍ୱୋଣ୍ଡୋ ସଂଘର ସମର କ୍ୟାମ୍ପ ଉଦ୍‌ଯାପିତ

ବଲାଙ୍ଗିର,୧୧।୬(ସମିସ): ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଏବଂ ବଲାଙ୍ଗିର ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘର ମିଳିତ ଆନୁକୂଲ୍ୟରେ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା କରାଟେ ତଥା ତାଏକ୍ୱୋଣ୍ଡୋ କୋଚ ଅସୀମ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ




ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ତରଣି ସୁନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ କରାଟେ ଏବଂ ତାଏକ୍ୱୋଣ୍ଡୋ ଭଳି ସମର କଳା ଅତ୍ୟନ୍ତ ଜରୁରୀ। ବିଶେଷ କରି ପ୍ରତ୍ୟେକ ପିଲା ପାଇଁ ଆତ୍ମରକ୍ଷା ଶିକ୍ଷା ପାଇଁ ଅପରିହାର୍ଯ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ।

## ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଗୋଦାମରୁ ଚୋରି ଅଭିଯୋଗରେ ୨ ଗିରଫ

ତରଭା,୧୧।୬(ସମିସ): ତରଭା ବ୍ଲକ୍ ପରିସରରେ ଥିବା ଜଳ ଯୋଗାଣ ଓ ପରିମଳ ବିଭାଗର ଗୋଦାମ ଗୃହର ତାଲା ଭାଙ୍ଗି ନଳକୂଅ ମରାମତି ସାମଗ୍ରୀ ଚୋରି ହୋଇଛି। ବିଭାଗୀୟ



ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସାହୁ ତରଭା ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ତରଭାର ବିଟୁ ଅଗ୍ରୱାଲ (୨୭) ଓ ଚିକୁ ପଣ୍ଡା (୨୫)କୁ ପୁଲିସ ଏହି ଘଟଣାରେ ଗିରଫ କରିଛି। ଜୁନ ୯ ତାରିଖ ଦିନ ସାଢେ ଗୋଟାଏରେ ଦୁଇ ଅଭିଯୁକ୍ତ ବ୍ଲକ୍ ପରିସରରେ ଥିବା ଗୋଦାମ ଗୃହର ତାଲା ଭାଙ୍ଗିଥିଲେ। ଏହାପରେ ନଳକୂଅରେ ବ୍ୟବହାର ହେଉଥିବା ପ୍ରାୟ ୩୬ହଜାର ୩୬୦ ଟଙ୍କାର ବିଭିନ୍ନ ଯନ୍ତ୍ରାଂଶ ସହ ଅନେକ ପୁରୁଣା ସାମଗ୍ରୀ ଚୋରି କରି ନେଇଥିଲେ। ଏହି ଚୋରି କାରବାରରେ ବିଟୁ ଓ ଚିକୁ ସମ୍ପୃକ୍ତ ଥିବା ସହକାରୀ ଯନ୍ତ୍ରୀ ଶ୍ରୀ ସାହୁ ଏତଲାରେ ଉଲ୍ଲେଖ କରିଥିଲେ। ଉଭୟ ଆସିଥିବା ଏକ ବାଇକ୍ (ଓଡ଼ି ୦୩ ଜେଡ୍ ୮୫୮୩) ଗୋଦାମ ନିକଟରେ ଛାଡି ପଳାଇଥିବା ଏତଲାରେ ଉଲ୍ଲେଖ ଥିଲା। ଅଭିଯୋଗକୁ ଭିତ୍ତି କରି ତରଭା ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବିଟୁ ଓ ଚିକୁକୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ କିଛି ଚୋରି ସାମଗ୍ରୀ ଜବତ ହୋଇଥିବା ଆଇଆଇସି ଡୋଳାମଣି ନାଏକ ସୂଚନା ଦେଇଛନ୍ତି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସୋନପୁର ଜେଲ୍‌କୁ ପଠାଇ ଦିଆଯାଇଛି। ଏଏସ୍‌ଆଇ ସୁଶୀଲ ବିଶି ତଦନ୍ତ ଭାର ନେଇଛନ୍ତି।

## ବାଉଁଶୁଣି ଥାନରେ 'ଆମ ପୁଲିସ୍' ସମିତି ବୈଠକ

ଶଗଡା,୧୧।୬(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ପରିସରରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଇନ୍ସପେକ୍ଟର ମହେନ୍ଦ୍ର ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଆଇନ ଗଞ୍ଜେଇ ଚାଷ ଓ ଚୋରା ଚାଲାଣରୁ ନିବୃତ୍ତ ରହିବାକୁ ପୁଲିସ ଜନସାଧାରଣଙ୍କୁ ସତର୍କ କରାଇଛି। ବେଆଇନ କାର୍ଯ୍ୟକଳାପରୁ ନିବୃତ୍ତ ରହି ଜନସାଧାରଣଙ୍କ ସୁରକ୍ଷା ପାଇଁ ପୁଲିସକୁ ସହଯୋଗ କରିବାକୁ ଥାନା ଅଧିକାରୀ ନିବେଦନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ସହ ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ବାଉଁଶୁଣୀ ପୁଲିସ ଜନସାଧାରଣଙ୍କ ସହଯୋଗ କାମନା କରିଛି। ଏହି ବୈଠକରେ ପୁଲିସ କର୍ମଚାରୀଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ବସାଶଙ୍କରକୁ ହରାଇ ବରଡ଼ପଦର ଚାମ୍ପିଅନ




କଣ୍ଟାମାଳ,୧୧।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବସଷ୍ଟାଣ୍ଡରେ ଅନୁଷ୍ଠିତ ଜୟ ମାଁ ମାଉଳି ୫ମ ରାତ୍ରକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। କ୍ରିକେଟ୍ କ୍ଲବ୍ ସଭାପତି ପ୍ରେମ ରଞ୍ଜନ ନାଏକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ୩ ଦିନ ଧରି ୩୨ଟି ଟିମ୍ ଖେଳ ପ୍ରଦର୍ଶନ କରିଥିଲେ। ବରଡ଼ିପଦର୍, ଖଲିଆପାଲି, ମହାଦେବପାଲି, ବସାଶଙ୍କର ମଧ୍ୟରେ ସେମିଫାଇନାଲ୍ ହୋଇଥିଲା। ବାସାଶଙ୍କର ଓ ବରଡ଼ିପଦର ବିଜୟ ଲାଭ କରି ଫାଇନାଲ ଖେଳିଥିଲେ। ଶେଷରେ ବରଡ଼ିପଦର୍ ଦଳ ବସାଶଙ୍କର ଦଳକୁ ହରାଇ ଚାମ୍ପିଅନ ହୋଇଛି। ଶୁକଦେବ ମିଶ୍ର, ରାଧା ବଲ୍ଲଭ ପ୍ରଧାନ, ନୀଳାଞ୍ଚଳ ଭୋଇ, ଦିବ୍ୟଶଙ୍କର ରାଉତ, ଦୂତିଆ ଚରଣ ରଣା, ଯଦୁ ବିହାରୀ ବାଘ, ଅଜିତ୍ ସାହୁ, ଉତ୍ତମ ସାହୁ, ରାଜକିଶୋର ବାଘ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତାପ ପୁଟେଲ, ରିକୁ ଖଟୁଆ, ଦେବାଶିଷ ସାହୁ, କୁନାଲ୍ ବୁଡ଼ାଏକ, ମନୋଜ ସାହୁ, ଶଙ୍କର ମାଝୀ, ଜିତୁ ସାହୁ, ଡବୁନ୍ ସାହୁ, ସୁମନ୍ ସାହୁ, ସୁଜିତ୍ ଖଟୁଆ ପ୍ରମୁଖ ସହଯୋଗ କରିଥିଲେ। ପପୁନ ସାହୁ ସ୍କୋରର ଥିଲେ। ମହେନ୍ଦ୍ର ଦାସ ଧାରା ବିବରଣୀ ଦେଇଥିଲେ। ଅନୁରାଗ ସାହୁ ଓ ମଦନ କୁମ୍ଭାର ମ୍ୟାଚ୍ ପରିଚାଳନା କରିଥିଲେ।

## ବାନ୍ଧନଝୁଲିରେ 'ଖେତ ବଞ୍ଚାଓ ଅଭିଯାନ'

ଶଗଡା,୧୧।୬(ସମିସ): କୃଷି ଓ କୃଷକଙ୍କ ଆୟ ବୃଦ୍ଧି ପାଇଁ "ଖେତ ବଞ୍ଚାଅ ଅଭିଯାନ' ଚାଲିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଶିବିର କଣ୍ଟାମାଳ ବ୍ଲକ୍ ଯୋଗୀନ୍ଦ୍ରପୁର ପଞ୍ଚାୟତର ବାନ୍ଧନଝୁଲି ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପସ୍ଥିତ ବୈଜ୍ଞାନିକ ଡ. ମୟୁରୀ ସିଂ ସର୍ଦ୍ଦାର ଓ କବିତା ମିଶ୍ର ଯୋଗ ଦେଇଥିଲେ। ସ୍ଥାନୀୟ ଚାଷୀଙ୍କୁ ଉଭୟ ବୈଜ୍ଞାନିକ ମାଟିର ସ୍ୱାସ୍ଥ୍ୟ, ଜୈବ ସାର ପ୍ରୟୋଗ, ପୋକ ପରିଚାଳନା ଏବଂ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ କରିବାର ଆଧୁନିକ ପଦ୍ଧତି ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ଅବସରରେ ନୀଳକଣ୍ଠେଶ୍ୱର ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍‌ର ସିଇଓ ସବ୍ୟସାଚୀ କର୍ଣ୍ଣ ଓ ବୋର୍ଡ୍ ଅଫ୍ ଡାଇରେକ୍ଟର ଶ୍ୟାମଶଙ୍କର ଗରିଆ ଚାଷୀଙ୍କୁ ଏଫପିଓ ମାଧ୍ୟମରେ ମିଳୁଥିବା ସୁବିଧା ଓ ବଜାର ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ସଭା ଶେଷରେ ସିଇଓ ସବ୍ୟସାଚୀ କର୍ଣ୍ଣ ଧନ୍ୟବାଦ ଜ୍ଞାପନ କରିଥିଲେ।



## ଗଞ୍ଜେଇ କାରବାରରେ ଜଣେ ଗିରଫ

ଶଗଡା,୧୧।୬(ସମିସ): ବୌଦ୍ଧ ଜିଲ୍ଲା ଘଣ୍ଟାପଡା ପୁଲିସ ରିଙ୍ଗାପଡା ଜଙ୍ଗଲରୁ ୨୫ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ମାଫିଆକୁ ଗିରଫ କରିଛି। ଗିରଫ ମାଫିଆ ଜଣକ ହେଲେ ଲୁଣ୍ଡୁରୁ ଗାଁର ରାମ ମହାନନ୍ଦ। ଏସ୍‌ଆଇ ମାଧବଚନ୍ଦ୍ର ଟାକ୍ରୀ, ଏସ୍‌ଆଇ ସୌମ୍ୟ ରଞ୍ଜନ ପାତ୍ରଙ୍କ ସମେତ ପୁଲିସ କର୍ମଚାରୀ ଚଢଉରେ ସାମିଲ ଥିଲେ। ଏ ସଂକ୍ରାନ୍ତରେ ଘଣ୍ଟାପଡା ଥାନାରେ ଏକ ମାମଲା ରୁଜୁ ହୋଇଛି।



## ମୃତକଙ୍କ ପତ୍ନୀଙ୍କୁ ପିଏମ୍‌ଜେଜେବିୱାଇ ଟଙ୍କା ପ୍ରଦାନ

ଜହ୍ନାପଙ୍କ,୧୧।୬(ସମିସ): ବୌଦ୍ଧ ବ୍ଲକ୍ ଟିକରପଡା ପଞ୍ଚାୟତ ଧଦଳପଡା ଗ୍ରାମର ସ୍ୱର୍ଗତ ରାଜେନ୍ଦ୍ର ଗୁରୁଙ୍କ ପତ୍ନୀ ଗୁରୁବାରୀ ଗୁରୁଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମ୍‌ଜେଜେବିୱାଇ) ଟଙ୍କା ମିଳିଛି। ବଘିଆପଡା ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପକ୍ଷରୁ ତାଙ୍କୁ ୨ ଲକ୍ଷ ଟଙ୍କା ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ପ୍ରଦୀପ ମେହେର ଅତିଥି ଭାବେ ଯୋଗ ଦେଇ ଏହି ରାଶି ପ୍ରଦାନ କରିଥିଲେ। ବଘିଆପଡା ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଖାଁ, କ୍ୟାସ ଅଫିସର ଅନିକେତ ମହାପାତ୍ର, ଆକାଉଣ୍ଟାଣ୍ଟ ପ୍ରଶାନ୍ତ ଦାସ, ବ୍ୟାଙ୍କ ମିତ୍ର ସସ୍ମିତା ପ୍ରଧାନ, ଏମ୍‌ବିକେ ମିତା କଳତା ପ୍ରମୁଖ ଉପସ୍ଥିତ ଥିଲେ।

■ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

# ସୋନପୁରରେ ୯୯.୫ ପ୍ରତିଶତ ଫର୍ମ ବଣ୍ଟନ

**ତରଭା, ୧୧।୬(ସମିସ):** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଚାଲିଛି। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ଏହା ସଫଳତାର ସହ ଚାଲିଥିବା ଉପଜିଲ୍ଲାପାଳ ତଥା ପଞ୍ଜୀକରଣ ଅଧିକାରୀ ଡା. ସୌମ୍ୟରୂପା ରଥ ସୂଚନା ଦେଇଛନ୍ତି। ସେ କହିଛନ୍ତି




ଯେ ଆଜି ପର୍ଯ୍ୟନ୍ତ ସମସ୍ତ ୩୧୯ଟି ବୁଥ୍‌ରେ ମାତ୍ର ୧୨ ଦିନ ଭିତରେ ୯୯.୫ ପ୍ରତିଶତ ଫର୍ମ ବଣ୍ଟନ କରାଯାଇଛି। ଆଉ ୦.୫ ପ୍ରତିଶତ ପ୍ରାୟ ଗୋଟିଏ ଦିନରେ ସରିଯିବ। ଏ ନେଇ ପୂର୍ବରୁ ବିଏଲଓ ଏବଂ ସୁପରଭାଇଜରଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ସେ ଏଥିପାଇଁ ସମସ୍ତ ୩୧୯ ବିଏଲଓ, ୩୨ ସୁପରଭାଇଜର, ୭ ଏଇଆରଓ ଏବଂ ସମସ୍ତ ଇଲେକ୍ସନ ଟିମକୁ ଧନ୍ୟବାଦ୍ ଦେଇଛନ୍ତି। ସିଇଓଙ୍କ ନିର୍ଦ୍ଦେଶ କ୍ରମେ ଡିଜିଟାଇଜେସନ କାମ ମଧ୍ୟ ଆରମ୍ଭ ହୋଇଛି। ଭୋଟରଙ୍କ ସବିଶେଷ ବିବରଣୀ ସହ ଫଟୋ ଏବଂ ଦସ୍ତଖତ ସମ୍ବଳିତ ଫର୍ମକୁ ଇସିଆଇ ନେଟ୍ ମାଧ୍ୟମରେ ଅପ୍‌ଲୋଡ୍ କରାଯିବ। ବିଏଲ୍‌ଓମାନେ ମଧ୍ୟ ବିଏଲଓ ଆପ୍ ମାଧ୍ୟମରେ ଅପ୍‌ଲୋଡ୍ କରିବେ। ଭୋଟର ଚାହିଁଲେ ନିଜେ ମଧ୍ୟ ଇସିଆଇ ନେଟ୍ ମାଧ୍ୟମରେ ଅପ୍‌ଲୋଡ୍ କରିପାରିବେ। ଡିଜିଟାଇଜେସନ ପରେ ଡ୍ରାଫ୍ଟ ଇଲେକ୍ଟୋରାଲ୍ ରୋଲ୍‌ରେ ସେହି ଭୋଟରଙ୍କ ନାମ ଚଢ଼ାଯିବ। ଆପତ୍ତି ଅଭିଯୋଗ ଅବଧି ଶେଷ ହେବା ପରେ ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଏହା ଏଇଆରଓ ସ୍ତରରେ ସମସ୍ତ ୪ଟି ବ୍ଲକ ଏବଂ ତହସିଲ୍‌ରେ ଚାଲିଛି। ଏସ୍‌ଆଇଆର ଉଦ୍ଦେଶ୍ୟ ହେଉଛି ଏକ ଠିକ୍ ଏବଂ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା। ଏଥିପାଇଁ ଉପଜିଲ୍ଲାପାଳ ସୋନପୁରର ସମସ୍ତ ନାଗରିକ, ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ଓ ଗଣମାଧ୍ୟମର ସହଯୋଗ କାମନା କରିଛନ୍ତି। ତେବେ ଡେପୁଟି କଲେକ୍ଟର ସିଦ୍ଧାର୍ଥ ଶେଖର ଦାସ, ଆସିଷ୍ଟାଣ୍ଟ କଲେକ୍ଟର ରାମ ଶଙ୍କର ମିଶ୍ର, ଜୁନିଅର ଆସିଷ୍ଟାଣ୍ଟ ଦେୱାନୀ ପୁଟୁଲିଆ, ଡାଟା ଏଣ୍ଟ୍ରି ଅପରେଟର ରାଧାକାନ୍ତ ପ୍ରଧାନ ପ୍ରମୁଖ ଡିଜିଟାଇଜେସନ୍ ପ୍ରକ୍ରିୟାରେ ବିଏଲଓଙ୍କୁ ସାହାଯ୍ୟ କରୁଛନ୍ତି।

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମୀକ୍ଷା ବୈଠକ

# ଦୁଇ ଦମ୍ପତିଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରମାଣପତ୍ର ପ୍ରଦାନ

**ଖଡ଼ିଆଳ, ୧୧।୬(ସମିସ)**

ନୂଆପଡ଼ା ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ)ର ସମୀକ୍ଷା ବୈଠକ ଗୁରୁବାର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ମାହାଭତି ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷ ଜିଲ୍ଲାରେ ମୋଟ ୮୧୧ ଜଣ ଶିଶୁଙ୍କୁ ଶିଶୁ କଲ୍ୟାଣ ସମିତି ସମ୍ମୁଖରେ ଉପସ୍ଥାପନ କରାଯାଇଛି। ସେହିପରି ମେ ମାସରେ ଚାଇଲ୍ଡ ହେଲ୍ପଲାଇନ୍ ମାଧ୍ୟମରେ ମୋଟ ୯୯ ଜଣ ଶିଶୁଙ୍କୁ ଉଦ୍ଧାର ଓ ଉପସ୍ଥାପନ କରାଯାଇଥିବା ବୈଠକରେ ଜଣାଇଥିଲେ। ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୮୭୭ ଜଣ ଏକକ ମାତାଙ୍କ ମଧ୍ୟରୁ ଏପ୍ରିଲ ମାସ ସୁଦ୍ଧା ୬୩୬ ଜଣଙ୍କ ପଞ୍ଜୀକରଣ ସମ୍ପନ୍ନ ହୋଇଥିବା ବେଳେ ଅବଶିଷ୍ଟଙ୍କ ପଞ୍ଜୀକରଣ କାର୍ଯ୍ୟ ତୁରନ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଶିଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ସମ୍ମାନିତ କରିବା ପାଇଁ ଶିଶୁ ମିତ୍ର ପୁରସ୍କାର ପ୍ରଦାନ କରିବାକୁ





ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରଦାନ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପତ୍ର ଜାରି କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ୧୮ ବର୍ଷରୁ କମ୍ ଓ ୧୮ ବର୍ଷରୁ ଅଧିକ ବୟସର ଅବିବାହିତ ମାତୃତ୍ୱ ସମ୍ପର୍କିତ ଏକ ସର୍ଭେ କରି ତାହାର ତାଲିକା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉତ୍କଳ ବାଳାଶ୍ରମ ସ୍ପେଶାଲାଇଜ୍ଡ ଆଡପ୍ସନ୍ ଏଜେନ୍ସି (ଏସ୍‌ଏଏ), ନୂଆପଡ଼ା ପକ୍ଷରୁ ଚଳିତ ବର୍ଷର ୪ର୍ଥ ଓ ୫ମ ପୋଷ୍ୟ ଗ୍ରହଣ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ଦୁଇ ପୋଷ୍ୟ ସନ୍ତାନ ଗ୍ରହଣକାରୀ ଦମ୍ପତିଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ଚୂଡ଼ାନ୍ତ ପ୍ରମାଣପତ୍ର ଓ ଆଦେଶ ପ୍ରଦାନ କରିଥିଲେ। ଚାଇଲ୍ଡ ହେଲ୍ପଲାଇନ୍ ନୂଆପଡ଼ା ଦ୍ୱାରା ଉଦ୍ଧାର କରାଯାଇଥିବା ଦୁଇ ଶିଶୁଙ୍କ ସମସ୍ତ ଆଇନଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ସେମାନଙ୍କୁ ପୋଷ୍ୟ ପରିବାରକୁ ହସ୍ତାନ୍ତର କରାଯାଇଛି। ଏଥିମଧ୍ୟରୁ ଜଣେ ଶିଶୁଙ୍କୁ ପଶ୍ଚିମବଙ୍ଗର ଏକ ପରିବାର ଏବଂ ଅନ୍ୟ ଜଣେ ଶିଶୁଙ୍କୁ ଆନ୍ଧ୍ରପ୍ରଦେଶର ଏକ ପରିବାର ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ବୈଠକରେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ବବିତା ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗୀତା, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝୀ, ଜିଲ୍ଲା ଶ୍ରମ ଅଧିକାରୀ ଜସ୍ମିନ ସାହୁ, ଶିଶୁ କଲ୍ୟାଣ ସମିତିର ସଦସ୍ୟବୃନ୍ଦ, କିଶୋର ନ୍ୟାୟ ବୋର୍ଡର ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୱାର୍ଡସ୍ତରୀୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



**ଧର୍ମଗଡ଼, ୧୧।୬(ସମିସ):** ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ୱାର୍ଡସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମ ୱାର୍ଡ ନଂ ୦୧ ଅନ୍ତର୍ଗତ ଭୀମଖୋଜପଡ଼ା ପ୍ରହରୀ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ 'ବିକାଶ ଧାରା ଓଡ଼ିଶା ସାରା' ଅଭିଯାନ ଅଧୀନରେ ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା।ମୁଖ୍ୟ ଅତିଥି ଭାବରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଉପାଧ୍ୟକ୍ଷା ମନୀଷା ମିଶ୍ର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର ଓ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ସଭାରେ ୱାର୍ଡର ସାଙ୍ଗଠନିକ ଓ ମୌଳିକ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ବିକାଶକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଏନ୍‌ଏସି କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସ୍ୱଚ୍ଛସାଥି, ସ୍ୱଚ୍ଛ ସୁପରଭାଇଜର ଏବଂ ସାନିଟେସନ ସୁପରଭାଇଜରମାନେ ସମସ୍ତ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ବାବାଙ୍କୁ ୨୦ ବର୍ଷ ଜେଲ୍

**ମନମୁଣ୍ଡା, ୧୧।୬ (ସମିସ):** ବୌଦ୍ଧ ଆଡିସନାଲ ଡିଷ୍ଟ୍ରିକ୍ଟ ଜଜ୍ ତଥା ସ୍ପେସାଲ୍ ଜଜୟ (ପକ୍‌ସୋ) ଅଖିଳ କୁମାର ପଶ୍ଚିମକବାଟ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ସହ ୫୦ ହଜାର ଟଙ୍କା ଜରିମାନା ହୋଇଛି। ୨୦୨୫ ଜୁଲାଇ ୧ରେ ମନମୁଣ୍ଡା ଥାନା ପଲସାଗୋରା ପଞ୍ଚାୟତ ଜୁନାନୀରେ ଚିକିତ୍ସା ଆଳରେ ଜଣେ ବାବା ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲେ। ଜଣେ ବ୍ୟକ୍ତି ତାଙ୍କ ନାବାଳିକା ଝିଅର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅନେକ ଡାକ୍ତରୀ ଚିକିତ୍ସା କରାଇଥିଲେ; କିନ୍ତୁ ଝିଅ ଆରୋଗ୍ୟ ହୋଇ ନ ଥିଲା। ଏଣୁ ନାବାଳିକାଙ୍କ ବାପା ନିରାଶ ହୋଇ ଜୁନାନୀରେ ଥିବା ବାବା ସୀତାରାମ ଙ୍କ ଶରଣାପନ୍ନ ହୋଇଥିଲେ। ଚିକିତ୍ସା ସକାଶେ ଗୋଟିଏ ରାତି ଝିଅକୁ ତାଙ୍କ ସହ ରହିବାକୁ ଛାଡ଼ି ଦେଲେ ସେ ଆରୋଗ୍ୟ କରିଦେବେ ବୋଲି ବାବା କହିଥିଲେ। ହତାଶ ଅବସ୍ଥାରେ ଥିବା ଝିଅର ବାପା ବାଧ୍ୟ ହୋଇ ବାବାଙ୍କ କଥାରେ ବିଶ୍ୱାସ କରିଥିଲେ। ତାଙ୍କଠାରେ ନାବାଳିକା ଝିଅକୁ ଗୋଟିଏ ରାତି

**୫୦ ହଜାର ଟଙ୍କା ଜରିମାନା**

ପାଇଁ ଛାଡ଼ି ଦେଇଥିଲେ। ମନ୍ଦ ଉଦ୍ଦେଶ୍ୟ ରଖିଥିବା ବାବା ସେହି ରାତିରେ ନାବାଳିକାକୁ ଚିକିତ୍ସା ବାହାନାରେ ଦୁଷ୍କର୍ମ କରିଥିଲା। ନାବାଳିକାଟି ଭୟଭୀତ ହୋଇ ସେହି ରାତିରେ କୌଣସି ପ୍ରକାରେ ବାବା ନିକଟରୁ ଖସି ପଳାଇଥିଲା। ବାଟରେ ଜଣେ ଲୋକଙ୍କୁ ସାହାଯ୍ୟ ମାଗିଥିଲା। ସମ୍ପୃକ୍ତ ଲୋକ ନାବାଳିକାର ବାପାଭଙ୍କୁ ଖବର ଦେବା ପରେ ଆମ୍ବୁଲାନ୍ସ ଯୋଗେ ନାବାଳିକାକୁ ମନମୁଣ୍ଡା ଡାକ୍ତରଖାନା ନିଆଯାଇଥିଲା। ୧୧୨କୁ ଫୋନ୍ କରିବାରେ ପୁଲିସ ମଧ୍ୟ ଆସିଥିଲା। ନାବାଳିକାଙ୍କ ବାପାଙ୍କ ଏତଲା ପ୍ରକାରେ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ବାବାକୁ ଗିରଫ କରାଯାଇଥିଲା। ଶେଷରେ ୧୬ ଜଣ ସାକ୍ଷୀଙ୍କ ବୟାନ ଓ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦେୟ ଜନିତ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେସାଲ୍ ପବ୍ଲିକ ପ୍ରସିକ୍ୟୁଟର (ପୋକ୍ସୋ) ଧୁରୀଣ କୁମାର ଦେହୁରୀ ଏହି ମାମଲା ପରିଚାଳନା କରିଥିଲେ।

# ଅଟୋ ଡ୍ରାଇଭରଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ ଦାବି



**ଖଡ଼ିଆଳ, ୧୧।୬ (ସମିସ):** ନୂଆପଡ଼ା ଜିଲ୍ଲାର ଅଟୋ ଓ ପ୍ରାଇଭେଟ୍ ଗାଡ଼ିର ବୃତ୍ତିଗତ ଡ୍ରାଇଭରଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡ଼ରେ ସାମିଲ କରିବା ଓ ଡ୍ରାଇଭରଙ୍କୁ ନିର୍ବାଚନରେ ତାଙ୍କର ମତଦାନ ଦେବାର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରହୁଥିବା ବିଷୟ ସହିତ ଡ୍ରାଇଭରମାନଙ୍କ ଅନ୍ୟାନ୍ୟ ସମସ୍ୟା ବିଷୟରେ ବାରମ୍ବାର ଜଣାଇବା ସତ୍ତ୍ୱେ ସମାଧାନ ହୋଇ ପାରିନାହିଁ। ଫଳରେ ବାଧ୍ୟ ହୋଇ ନୂଆପଡ଼ା ଜିଲ୍ଲାର ପାଞ୍ଚଟି ବ୍ଲକର ଅଟୋ ଡ୍ରାଇଭର ସଂଘର ସଦସ୍ୟ ନୂଆପଡ଼ା ଏଡିଏମ ସୁବାଷ ଚନ୍ଦ୍ର ରଇତାଙ୍କ ଜରିଆରେ ନୂଆପଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚର ଜରିଆରେ ବିଗତ ଦିନମାନଙ୍କରେ ଓଡ଼ିଶା ମଟର ପରିବହନ ଡ୍ରାଇଭର କଲ୍ୟାଣବୋର୍ଡ, ପରିବହନ ମନ୍ତ୍ରୀ, ପରିବହନ କମିଶନରଙ୍କୁ ଏହି ସମସ୍ୟା ନେଇ ବାରମ୍ବାର ଅବଗତ କରିବା ସହିତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅନୁରୋଧ କରିଆସିଛୁ କିନ୍ତୁ କୈଣସି ସମସ୍ୟାର ସମାଧାନ ହୋଇ ପାରିନାହିଁ।ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ତରଫରୁ ନିଷ୍ପତ୍ତି ନିଆଯାଇଛି ଯେ ଯଦି ଆଗାମୀ ୯୦ ଦିନ ମଧ୍ୟରେ ଡ୍ରାଇଭରଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନହୁଏ ବାଧହୋଇ ସମଗ୍ର ଡ୍ରାଇଭର ସମାଜ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ ହେବୁ ବୋଲି ଦାବି କରିଛନ୍ତି।

# ଲାଞ୍ଜିଗଡ଼ ବ୍ଲକ୍ ଗସ୍ତରେ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ

**ଲାଞ୍ଜିଗଡ଼, ୧୧।୬(ସମିସ):** ଲାଞ୍ଜିଗଡ଼ ବ୍ଲକ ଗସ୍ତରେ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ସମୀୟ ରଞ୍ଜନ ପ୍ରଧାନ। ଶ୍ରୀ ପ୍ରଧାନ ବୁଧବାର ଲାଞ୍ଜିଗଡ଼ ବ୍ଲକ ଗସ୍ତକରି ପ୍ରଧାନମନ୍ତ୍ରୀ ଜନମନ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଟୁଟୁଗୁମା, ତୁର୍କା ଏବଂ ପିଡ଼ିଶାଲ ଗାଁକୁ ଯାଇ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ନିର୍ମିତ ହେଉଥିବା ଘରଗୁଡ଼ିକର ନିରୀକ୍ଷଣ କରିଥିଲେ। ଏହାପରେ ବିକାଶ ନଗରରେ ଚାଲୁଥିବା ବିଭିନ୍ନ ଉନ୍ନୟନ କାମର ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ସମ୍ପୃକ୍ତ ଅଧିକାରୀମାନଙ୍କୁ ବାକି ଥିବା ଘର କାମ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟୁଟୁଗୁମା ଗାଁକୁ ସଂଯୋଗ ପାଇଁ ଭଟାଙ୍ଗପଦର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ରାସ୍ତା ନିର୍ମାଣ କାମ ଆରମ୍ଭ କରିବାକୁ କହିଛନ୍ତି। ପିଡ଼ିଶାଲ ଗାଁର ଗ୍ରାମବାସୀଙ୍କ ସହ ଆଲୋଚନା କରି ପାଇପ ଲାଇନ୍ ଯୋଗେ ପିଇବା ପାଣି ଯୋଗାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫିଲ୍ଡ ପରିଦର୍ଶନ ପରେ ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଡିଓ ଶ୍ରୀ ପ୍ରଧାନ ଗ୍ରାମୀଣ ଆବାସ ଯୋଜନା ଏବଂ ଅନ୍ୟ ଉନ୍ନୟନ କାର୍ଯ୍ୟକ୍ରମକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନଙ୍କ ଗସ୍ତ ସମୟରେ ଜିଲ୍ଲା ଗ୍ରାମୀଣ ଗୃହ ପ୍ରକଳ୍ପ ପରିଚାଳକ ଅମୂଲ୍ୟ ବାହୁଲ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଉପସ୍ଥିତ ଥିଲେ।

# ଦୁଇ ବର୍ଷରୁ ଅଧିକ ସମୟ ଧରି ଅଚଳ ଅମୃତ ଧାରା



**ଗୋଲାମୁଣ୍ଡା, ୧୧।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଚିଚିଆ ପଞ୍ଚାୟତରେ ସରକାରଙ୍କ ମହତ୍ୱକାଂକ୍ଷୀ ଅମୃତ ଧାରା ଯୋଜନା ଦୁଇବର୍ଷରୁ ଅଧିକ ସମୟ ଧରି ଅଚଳ ଅବସ୍ଥାରେ ପଡ଼ି ରହିଛି। ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ପଞ୍ଚାୟତବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଖରାପ ପଡ଼ିଛି। ଯୋଜନା ଅଚଳ ହୋଇରହିଥିବାରୁ ଚିଚିଆ ପଞ୍ଚାୟତର ବହୁ ଗ୍ରାମବାସୀ ଆଜି ମଧ୍ୟ ପାନୀୟ ଜଳ ସମସ୍ୟାରେ ଜର୍ଜରିତ ଅବସ୍ଥାରେ ରହିଛନ୍ତି। ଚିଚିଆ ପଞ୍ଚାୟତ କାର୍ଯ୍ୟାଳୟକୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାମରେ ଆସୁଥିବା ବେଳେ ସେମାନେ ମଧ୍ୟ ପାଣି ପାଇଁ ସଂଘର୍ଷ କରୁଛନ୍ତି। ଦୁଇବର୍ଷ ଧରି ଅମୃତ ଧାରା ପ୍ରକଳ୍ପ ଅଚଳ ରହିଥିବା ସତ୍ତ୍ୱେ ଏହାପ୍ରତି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡ଼ିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଜନସାଧାରଣ ତୁରନ୍ତ ଅମୃତ ଧାରା ଯୋଜନାର ମରାମତି କରି ନିୟମିତ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି। ଏଥିସହିତ ଯୋଜନା ଅଚଳ ହେବାର ପ୍ରକୃତ କାରଣ ଖୋଜି ବାହାର କରିବା ସହ ଏଥିପାଇଁ ଦାୟୀ ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ଦାବି ଉଠିଛି। ଏନେଇ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁରା ମହାନନ୍ଦଙ୍କୁ ପ୍ରତିକ୍ରିୟା ମାଗିବାରୁ ପାଣିର ଯେଉଁ ସବୁ ସମସ୍ୟା ଅଛି ମୋତେ ହ୍ୱାଟ୍ସଆପରେ ଜାଣନ୍ତୁ ଏହାର ତଦନ୍ତ କରିବି କହିଥିଲେ।

## ବଦଳିଲାନି ଭାଗ୍ୟ: ଆଣ୍ଠୁଏ କାଦୁଅରେ ହେଉଛି ରଥଟଣା

# ବିଡିଓଙ୍କୁ ଗୁହାରି କଲେ ତରାପୁର ଗ୍ରାମବାସୀ

**ଧର୍ମଗଡ଼, ୧୧।୬(ସମିସ):** ନିର୍ବାଚନ ପରେ ନିର୍ବାଚନ ସରୁଛି। ନେତା ବଦଳୁଛନ୍ତି, ଅଫିସର ବଦଳୁଛନ୍ତି, କିନ୍ତୁ ବଦଳୁନି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତରାପୁର ଗ୍ରାମର ଭାଗ୍ୟ। ଦୀର୍ଘ ଦିନର ଦାବି ସତ୍ତ୍ୱେ ଆଜିପର୍ଯ୍ୟନ୍ତ ଗ୍ରାମର ମହାଦେବ ପଡ଼ାକୁ ଏକ ପକ୍କା ରାସ୍ତା ଟିଏ ନିର୍ମାଣ ହୋଇପାରି ନାହିଁ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶେଷରେ ତରାପୁର ସରପଞ୍ଚ ପ୍ରତିନିଧି ସଞ୍ଜୀବ ସାହୁ ଏବଂ ସୁନୀଲ ଦୁରିଆଙ୍କ ନେତୃତ୍ୱରେ ଗ୍ରାମବାସୀ ଧର୍ମଗଡ଼ ବିଡିଓଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ତରାପୁର ବଢ଼ି ଛକଠାରୁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ ବହୁ ବର୍ଷ ହେବ ଗୁହାରି କରାଯାଉଛି। ଏହା ଭିତରେ ୩ ରୁ ୪ଟି ନିର୍ବାଚନ ସରିଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ପଦ ମିଳିଛି, କାମ ହୋଇନାହିଁ। ବିଭିନ୍ନ ସମୟରେ ନେତା ଓ ଅଧିକାରୀଙ୍କୁ ଜଣାଇ ଗ୍ରାମବାସୀ ନିରାଶ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ମହାଦେବ

**ଚାରୋଟି ନିର୍ବାଚନ ସରିଲା**

ପଡ଼ାରେ ୨୦୦୦ରୁ ଅଧିକ ଜନସଂଖ୍ୟା ବସବାସ କରନ୍ତି। ଗ୍ରାମର ପ୍ରମୁଖ ସରକାରୀ ଓ ସାମାଜିକ ଅନୁଷ୍ଠାନ ଯେପରିକି ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର, ପଞ୍ଚାୟତ ଅଫିସ୍ ଗୃହ, ଆମବ୍ୟାଙ୍କ୍ ଏବଂ ଖେଳ ପଡ଼ିଆ ଏହି ରାସ୍ତା ଉପରେ ହିଁ ନିର୍ଭର କରେ। ସବୁଠାରୁ ଦୁଃଖଦ ବିଷୟ ହେଉଛି, ଏହି ପଡ଼ାରେ ପ୍ରଭୁ ଜଗନ୍ନାଥଙ୍କ ମାଉସୀ ମନ୍ଦିର ରହିଛି। ପବିତ୍ର ରଥଯାତ୍ରା ସମୟରେ ରାସ୍ତାର ଅବସ୍ଥା ଏତେ ଶୋଚନୀୟ ହୋଇପଡ଼େ ଯେ, ଭକ୍ତମାନେ ଆଣ୍ଠୁଏ କାଦୁଅରେ ପଶି ପ୍ରଭୁଙ୍କ ରଥକୁ ଟାଣିବାକୁ ବାଧ୍ୟ ହୁଅନ୍ତି। ସାଧାରଣ ଦିନରେ ଯାତାୟାତ କଷ୍ଟକର ହେଉଥିବା ବେଳେ ବର୍ଷା ଦିନେ ଏଠାରେ ସ୍ଥିତି ଅତି ସାଂଘାତିକ ରୂପ ଧାରଣ କରେ। ଏହି ସମସ୍ତ ସମସ୍ୟାର ସମାଧାନ ଏବଂ ତରାପୁର ଗ୍ରାମର ସାମଗ୍ରୀକ ଉନ୍ନତି ପାଇଁ ଧର୍ମଗଡ଼ ବିଡିଓ ସଦାଶିବ ନାୟକଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିବା ବେଳେ, ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପକ୍କା ରାସ୍ତା ନିର୍ମାଣ ନକଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ସୋଲାର ପ୍ରକଳ୍ପକୁ ମିଳିଲା ବିଦ୍ୟୁତ୍ ସଂଯୋଗ

**ଧର୍ମଗଡ଼, ୧୧।୬(ସମିସ):** ଗଣମାଧ୍ୟମର ସକାରାତ୍ମକ ଭୂମିକା ଏବଂ ସାଧାରଣ ଲୋକଙ୍କ ସ୍ୱର ସାଜିବାରେ 'ସକାଳ'ସଫଳ



ସକାଳ THE SAKALA ପ୍ରଭାବ

ହୋଇଛି। ଗତ କିଛି ଦିନ ତଳେ 'ସକାଳ'ରେ 'ସରକାରଙ୍କ ସୂର୍ଯ୍ୟ ଘର ବିଜ୍ଞାପନ ଚମକ, ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରସାରଣ ପରେ ବିଦ୍ୟୁତ୍ ବିଭାଗ ଓ ସ୍ଥାନୀୟ ପ୍ରଶାସନ ତତ୍ପରତା ପ୍ରକାଶ କରିଛନ୍ତି। ଦୀର୍ଘ ମାସେ ହେଲା ପ୍ଲାଣ୍ଟ ପ୍ରସ୍ତୁତ ଥାଇ ମଧ୍ୟ ମିଳିନଥିବା ଗ୍ରୀଡ୍ ସଂଯୋଗ ଗୁରୁବାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ବୃନ୍ଦାବାହାଲ ଗ୍ରାମର ଜଣେ ହିତାଧିକାରୀ ସରକାରଙ୍କ 'ପିଏମ୍ ସୂର୍ଯ୍ୟ ଘର: ମୁଫ ବିଜୁଳି ଯୋଜନା' ଅଧୀନରେ ନିଜ ଛାତ ଉପରେ ସୋଲାର ସିଷ୍ଟମ ସ୍ଥାପନ କରିଥିଲେ। ସମସ୍ତ କାଗଜପତ୍ର, ଯାଞ୍ଚ ଏବଂ ଟେଷ୍ଟ ରିପୋର୍ଟ ଓକେ ଥିବା ସତ୍ତ୍ୱେ ବିଦ୍ୟୁତ୍ ବିଭାଗର ନେଟ୍-ମିଟର ଲଗାଇବାରେ ଅହେତୁକ ବିଳମ୍ବ ଯୋଗୁଁ ହିତାଧିକାରୀ ଜଣକ ସୋଲାର ଶକ୍ତିର ଲାଭ ପାଇବାରୁ ବଞ୍ଚିତ ହେଉଥିଲେ।ଏହି ସମସ୍ୟାକୁ 'ସକାଳ'ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ବିଭାଗୀୟ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ନେଇଥିଲେ। ଗୁରୁବାର ସେହି ସୋଲାର ପ୍ଲାଣ୍ଟକୁ ଗ୍ରୀଡ୍ ସହ ସଂଯୋଗ କରାଯାଇ ନେଟ୍-ମିଟରିଂ ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇଛି।ଦୀର୍ଘ ଦିନର ହଇରାଣ ପରେ ସମସ୍ୟାର ସମାଧାନ ହୋଇଥିବାରୁ ହିତାଧିକାରୀ ଜଣକ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି। ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ସକାଳ'ରେ ଖବର ବାହାରିବା ପରେ ହିଁ ଅଧିକାରୀମାନେ ଆସି କାମ କଲେ। ମୋର ଏହି ସମସ୍ୟାକୁ ସାମ୍ନାକୁ ଆଣିଥିବାରୁ ମୁଁ 'ସକାଳ'କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛି।

# କିଡିଙ୍ଗରେ କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ୟଙ୍ଗଷ୍ଟାର ଏକାଦଶ ଚାମ୍ପିଅନ

**ଲାଞ୍ଜିଗଡ଼, ୧୧।୬(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ୍ ପଞ୍ଚାୟତସ୍ଥିତ କିଡିଙ୍ଗଗାଁ ଖେଳପଡ଼ିଆରେ ଦଶ ଦିନ ଧରି ଚାଲିଥିବା 'କେପିଏଲ୍' କ୍ରିକେଟ୍ ଲିଗ୍ ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଛି। ଫାଇନାଲ୍ ମୁକାବିଲାରେ ୟଙ୍ଗ ଷ୍ଟାର ଏକାଦଶ, ଷ୍ଟାର ଏକାଦଶକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ଟସ୍ ଜିତି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିବା ୟଙ୍ଗଷ୍ଟାର ଏକାଦଶର ନିୟନ୍ତ୍ରିତ ବୋଲିଂ ଆଗରେ ଷ୍ଟାର ଏକାଦଶ ୧୨ ଓଭରରେ ୯୨ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ୟଙ୍ଗଷ୍ଟାର ଏକାଦଶ ୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୟଙ୍ଗଷ୍ଟାର ଏକାଦଶ ୧୨ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ୯୪ ରନ୍ କରି ଟ୍ରଫି ହାତେଇ ନେଇଥିଲା। ଉଦ୍‌ଯାପିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ରୋଡ ପଞ୍ଚାୟତ




ସରପଞ୍ଚ ସମମତା ଶବର ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉମ୍ବରୁଧର ସେନାପତି ଯୋଗଦେଇଥିଲେ।ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ଅନଙ୍ଗ ମାଝୀ, ବରିଷ୍ଠ ନାଗରିକ ବିଶ୍ୱନାଥ ଶବର, ଯୁବ ସାମ୍ବାଦିକ ନିଲେଶ କୁମାର ନାଗ, ପରିଚାଳନା କମିଟି ସଦସ୍ୟ ଦଶରଥ ଶବର, ତରୁଣ ଶବର, ଚନ୍ଦ୍ରମଣୀ ଭୋଇ, ସୁରେଶ ଚନ୍ଦ୍ର ପଣ୍ଡା, ବଲ୍ଲବି ପଣ୍ଡା, ସାନ ବଗର୍ତ୍ତି, ମନୋଜ ଛତ୍ରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେତା ୟଙ୍ଗଷ୍ଟାର ଏକାଦଶ ଓ ଉପବିଜେତା ଷ୍ଟାର ଏକାଦଶକୁ ଅତିଥିମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଟ୍ରଫି ସହ ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସତ୍ୟମ୍ବର ଶବର, ବେଷ୍ଟ ବୋଲର ଭାବେ ଲକିର ଦାସ ମହାନନ୍ଦ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଶୁଭମ ବଗର୍ତ୍ତିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଧାରା ବିବରଣୀ ଗୋପାଳ ଦାସ ମହାନନ୍ଦ ପ୍ରଦାନ କରିଥିବା ବେଳେ ସ୍କୋର ବୋର୍ଡ ଦାୟିତ୍ୱରେ ପଙ୍କଜ ବଗର୍ତ୍ତି ଓ ଅରୁଣ କୁମାର ଛତ୍ରିଆ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମର ଶେଷରେ ଆୟୋଜକ କମିଟି ପକ୍ଷରୁ ଅଞ୍ଚଳର ପୂର୍ବତନ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କମିଟି ସକ୍ରିୟ ସଦସ୍ୟ ବୁଦ୍ଧିଆ ବଗର୍ତ୍ତି, ଇଶ୍ୱର ବଗର୍ତ୍ତି, ଡିଲେଶ କୁମାର ନାଗ, ଚନ୍ଦ୍ରଧ୍ୱଜ ଶବର, ଗୁଣ ବଗର୍ତ୍ତି, ଦେବାନନ୍ଦ ବଗର୍ତ୍ତି, ଭୁତେଶ୍ୱର ଶବର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରିତା ଶିବିର

**ଖଡ଼ିଆଳ, ୧୧।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରାଞ୍ଚଳର ବିକାଶ ଓ ଜନସାଧାରଣଙ୍କ ସମସ୍ୟାର ସିଧାସଳଖ ସମାଧାନ ପାଇଁ ସ୍ୱେଚ୍ଛାକୃତ 'ସହରାଞ୍ଚଳ ଜନ ସମ୍ପର୍କ ଓ ନାଗରିକ ଭାଗିଦାରିତା କାର୍ଯ୍ୟକ୍ରମ-୨ ନମ୍ବର ୱାର୍ଡସ୍ଥିତ ପବ୍ଲିକ ସ୍କୁଲ ସମ୍ମୁଖରେ ଅନୁଷ୍ଠିତ ହୋଇଛି। ଜନସମ୍ପର୍କ ଶିବିର ଖଡ଼ିଆଳ ଏନ୍‌ଏସିର ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କ ଅଧ୍ୟକ୍ଷତା କରିଥିଲେ। ଅଜୟ ପାଣିଗ୍ରାହୀ, ସିଏଲସିଟି ଶାଶ୍ୱତ ସା, ଅଟେଣ୍ଡୋଣ୍ଟ କାନ୍ତିଲଲ ବରମେଡ, ସିଓ ସଂଯୁକ୍ତା ପଣ୍ଡା, ୱାର୍ଡ ମେମ୍ବର ରେବତୀ ଶବର ଓ ସ୍ୱଚ୍ଛ ସାଥି ମମତା ମଞ୍ଜରୀ ଥପା ଯୋଗ ଦେଇଥିଲେ। ଏନ୍‌ଏସିବାସୀଙ୍କ ସହିତ ସିଧାସଳଖ ଆଲୋଚନା କରି ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସାମାଜିକ ସୁରକ୍ଷା ଅଧୀନରେ ମିଳୁଥିବା ସରକାରୀ ଭତ୍ତା ଯୋଜନାରେ ଦେଖା ଦେଇଥିବା ବିଭିନ୍ନ ଯାନ୍ତ୍ରିକ ଓ ପ୍ରଶାସନିକ ସମସ୍ୟା ବିଷୟରେ ସ୍ଥାନୀୟ ଲୋକଙ୍କ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ସମସ୍ୟା ଗୁଡ଼ିକୁ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ଏବଂ ଅତି ଶୀଘ୍ର ଭତ୍ତା ବଣ୍ଟନ ପ୍ରକ୍ରିୟାରେ ସୁଧାର ଅଣାଯାଇ ହିତାଧିକାରୀଙ୍କୁ ସେମାନଙ୍କ ହକ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।୧୧ ଜୁନ୍ ୨୩ ପର୍ଯ୍ୟନ୍ତ ଅଭିଯାନ ଚାଲିବ।

